# Akashvani, Sambalpur

## SAMBALPURI NEWS EVENING BULLETIN

## 2 September 2024- 7.02 pm- 7.12 pm.

*********************************************

୧- ଚାଷୀମାନ୍‌କର୍ ଜୀବନ୍ ଆଉ ଜୀବିକାର୍ ଉନ୍ନତି ଲାଗି ୭ ଟା ମୁଖ୍ୟ ଯୋଜ୍‌ନାକେ କେନ୍ଦ୍ର କେବିନେଟ୍ ଦେଲା ମଞ୍ଜୁରୀ ।

୨- ଓଡ଼ିଶା ନ ଆଏବା ୧୭ ତାରିଖ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ସୁଭଦ୍ରା ଯୋଜ୍‌ନାର୍ ୱେବ୍ ପୋର୍ଟାଲ୍‌କେ ଲୋକାର୍ପଣ୍ କଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶା ନ ଆଏଜ୍ ପାଲନ୍ କରାଯାଉଛେ ପୁରା ଉଆଁସ୍ ପରବ୍ ।

କେନ୍ଦ୍ର କେବିନେଟ          ପି.ଆଇ.ବି.

ଚାଷୀମାନ୍‌କର୍ ଜୀବନ୍ ଆର୍ ଜୀବିକାକେ ଉନ୍ନତ୍ କର୍‌ବାର୍ ଲାଗି ୭ ଟା ମୁଖ୍ୟ ଯୋଜ୍‌ନାକେ ଆଏଜ୍ କେନ୍ଦ୍ର କେବିନେଟ୍‌ଥି

ମଞ୍ଜୁର୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍‌ର ଇ ବୈଠକ୍‌ଥି ଯୋଜ୍‌ନା ମାନ୍‌କର୍ ଲାଗି ୧୩ ହଜାର୍ ୯ ଶହ ୬୬ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଇଥୁ ଚାଷୀ, ଗାଁର୍ ଜମି ମାନଚିତ୍ର ଆଉ ଫସଲ୍ ବୁନା ରେଜିଷ୍ଟ୍ରି, ବଢ଼ି ମରୁଢ଼ି ନିରୀକ୍ଷଣ୍ ଲାଗି ଡିଜିଟାଲ୍ କୃଷି ମିଶନ୍‌ଥି ୨ ହଜାର୍ ୮ ଶହ ୧୭ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

୨୦୪୭ ତକ୍ ଖାଦ୍ୟ ନିରାପତା ଲାଗି ଖାଦ୍ୟ ଆଉ ପୋଷଣ ନିରାପତା କର୍‌ବାର୍‌କେ ଫସଲ୍ ବିଜ୍ଞାନ୍, କୃଷି ଶିକ୍ଷା, ପରିଚାଲନା ଆଉ ସାମାଜିକ୍ ବିଜ୍ଞାନ୍‌କେ ବର୍‌କସ୍ କର୍‌ବାର୍, ଉଦ୍ୟାନ କୃଷି କ୍ଷେତ୍ରର୍ ଦୀର୍ଘସ୍ଥାୟୀ ବିକାଶ୍ ଯୋଜ୍‌ନା ଲାଗି ଭିଲ୍ ମଞ୍ଜୁର୍ ପାଣ୍ଠିନୁ ବରାଦ୍ କରାଯାଇଥିବାର୍ ଜନାପଡ଼ିଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ଇ ସୂଚ୍‌ନା ଦେଇକରି କହିଛନ୍ ଯେ, ୧୭ ତାରିଖ୍ ଦିନ ଜନତା ମଇଦାନ୍ ନ ପ୍ରଧାନ୍‌ମନ୍ତ୍ରୀ ସୁଭଦ୍ରା ଯୋଜ୍‌ନାର୍

ଶୁଭାରମ୍ଭ କର୍‌ବେ । ସେହିଦିନ ଇ ଯୋଜ୍‌ନାର୍ ପହେଲା କିସ୍ତି ଦିଆଯିବା ବଲି ଶ୍ରୀ ସାମଲ୍ କହିଛନ୍ ।

ସୁଭଦ୍ରା ଯୋଜ୍‌ନା- ୱେବ୍ ପୋର୍ଟାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ୱେବ୍ ପୋର୍ଟାଲ୍‌କେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଲୋକାର୍ପଣ୍ କରିଛନ୍ । www.subhadra.odisha.gov.in କେ ଇ ୱେବ୍‌ପୋର୍ଟାଲ୍‌ର ଲିଙ୍କ୍ ରଖାଯାଇଛେ । ୱେବ୍ ପୋର୍ଟାଲ୍‌କେ ଉଦ୍‌ଘାଟନ୍ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ଯେ, ସୁଭଦ୍ରା ଯୋଜ୍‌ନା ଗୁଟେ ଯୁଗାନ୍ତକାରୀ ଯୋଜ୍‌ନା ଆଏ । ଇ ଯୋଜ୍‌ନା ବାବ୍‌ଦେ ଜାନ୍‌ବାର୍ ଲାଗି ମୁଲ୍ କରାଯାଇଥିବାର୍ ୱେବ୍ ପୋର୍ଟାଲ୍‌ଥି ସବୁ ସୂଚ୍‌ନା ଦିଆଯାଇଛେ । ହିତାଧିକାରୀଙ୍କର୍ ଯୋଗ୍ୟତା, ସେମାନ୍‌କର୍ ଅଧିକାର୍, ଦାୟିତ୍ୱ ସହେତେ ଘାଏକେ ଘାଏ ପଚ୍‌ରା ଯାଉଥିବାର୍ ପ୍ରଶ୍ନ ଆଉ ତାର୍ ଉତର୍ ଇ ୱେବ୍‌ପୋର୍ଟାଲ୍ ନ ରହିଛେ । ଯୋଜ୍‌ନା ବାବ୍‌ଦର୍ କେନ୍‌ସି ନୂଆଁ ଘୋଷ୍‌ନା ଇ ୱେବ୍‌ପୋର୍ଟାଲ୍‌ଥି ମିଲିପାର୍‌ବା । ଯୋଜ୍‌ନା ବାବ୍‌ଦେ ଆଉ କିଛି ଜାନ୍‌ବାର୍ ଲାଗି ହେଲେ ଟୋଲ୍‌ଫ୍ରି ନମ୍ବର୍ ୧୪୬୭୮କେ ସଖାଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ଯୋଗାଯୋଗ୍ କରାଯାଇପାର୍‌ବା । ହେଲେ କେନ୍‌ସି ଜାଲ୍ ୱେବ୍‌ସାଇଟ୍ ଦ୍ୱାରା ଭୁଲ୍‌ଥି ନାଇଁ

ପଡ଼୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଲୁକ୍‌କୁ ଅନୁରୋଧ୍ କରିଛନ୍ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଶ୍ରେଣୀର୍ ଆର୍ ବୟସର୍ ମହିଳାମାନ୍‌କୁ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଦାବି ନେଇକରି ବିରୋଧୀ ଦଲ୍ ତର୍‌ଫୁ ଆଏଜ୍ ବିଧାନ୍‌ସଭା ନ କିର୍ଲାଗଗା କରାଯାଇଛେ । ପ୍ରଶ୍ନକାଲ୍ ମୁଲ୍ ହେବାର୍‌ଖିନ୍ ବିଜେଡ଼ି ଆର୍ କଂଗ୍ରେସ୍ ସଦସ୍ୟମାନେ ଇ ଦାବି ନେଇକରି ଗୃହର୍ ମଝା ନ ରଡ଼ାକିର୍ଲା କରିଥିଲେ ଆଉ ସର୍‌କାର୍‌ଙ୍କର୍ ବିରୋଧ୍ ନ ସ୍ଲୋଗାନ୍ ଦେଇଥିଲେ । ଥିତିକେ ନଜର୍‌ଥି ରଖିକରି ବାଚସ୍ପତି ଗୃହକେ ୧୦ ବାଜିକରି ୩୯ ମିନିଟ୍‌ନୁ ୧୧ ବାଜିକରି ୩୭ ମିନିଟ୍‌ତକ୍ ମୁଲ୍‌ତବୀ ରଖିଥିଲେ । ହେଲେ ଗୃହ କାର୍ଯ୍ୟ ମୁଲ୍ ହେବାର୍‌ଖିନ୍ କିର୍ଲାଗଗା ଜାରି ରହେବାର୍‌ନୁ ଗୃହ ନ ଅଧ୍ୟକ୍ଷତା କରୁଥିବା ଉପ-ବାଚସ୍ପତି ଭବାନୀ ଶଙ୍କର୍ ଭୋଇ ୧୧ ବାଜିକରି ୩୭ ମିନିଟ୍‌ନୁ ୧୨ ବାଜିକରି ୫ ମିନିଟ୍ ଆଉ ୧୨ ବାଜିକରି ୫ ମିନିଟ୍‌ନୁ ଦୁଇପହରର୍ ୧ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ । ଫେର୍‌ଘାଏ ଗୃହକାର୍ଯ୍ୟ ମୁଲ୍ ହେବାର୍ ସମିଆଥି ବିରୋଧୀ ଦଲ୍ ତର୍‌ଫୁ କିର୍ଲାଗଗା ମୁଲ୍ କରାଯାଇଥିଲା । ବାଚସ୍ପତି ବିରୋଧୀ ସଦସ୍ୟମାନ୍‌କୁ ନିଜର୍ ଆସନ୍‌କେ ଫିରିଯିବାର୍

ଲାଗି ଘାଏକେ ଘାଏ ଅନୁରୋଧ୍ କରିଥିଲେ ଭିଲ୍ କେନ୍‌ସି ଫଲ୍ ନାଇଁ ମିଲିଥିଲା । ଯେନ୍‌ଥିର୍ ଲାଗି ବାଚସ୍ପତି ଗୃହକେ ୧ ବାଜିକରି ୨ ମିନିଟ୍‌ନୁ ଉପର୍‌ବେଲା ୪ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଗାଁକେ ମୋବାଇଲ୍ ନେଟ୍‌ୱାର୍କ ସୁବିଧା ଯୁଗେଇ ଦେବାର୍ ଲାଗି ସର୍‌କାର୍ ଉଦ୍ୟମ୍ ଜାରି ରଖିଛନ୍ । ସୂଚ୍‌ନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭା ନ ଆଏଜ୍ ଇ ବାବ୍‌ଦର୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି କହିଛନ୍ ଯେ, ରାଜ୍ୟର୍ ସବୁ ମିଶିକରି ୩ ହଜାର୍ ୫ ଶହ ୧୦ ଟା ଗାଁ ନ ମୋବାଇଲ୍ ନେଟ୍‌ୱାର୍କ ସେବା ଉପଲବ୍ଧ ନାଇଁନ । ଅବିଭକ୍ତ କୋରାପୁଟ୍ ଜିଲ୍ଲାର୍ ୧ ହଜାର୍ ୬୨ ଟା ଗାଁ ନ ଇ ସୁବିଧା ନାଇଁନ ବଲି ମନ୍ତ୍ରୀ କହିଛନ୍ । ହେଲେ ଆଏବା ଡିସେମ୍ବର୍ ମାସ୍‌ତକ୍ କୋରାପୁଟ୍ ଜିଲ୍ଲାର୍ ସବୁ ଗାଁକେ ମୋବାଇଲ୍ ନେଟ୍‌ୱାର୍କ ସେବା ଯୁଗାବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଇଛେ ।

ବିଧାନ୍‌ସଭା-୩ ଆର୍‌ଏନ୍‌ୟୁ/ କଟକ୍

ବାଂଲାଦେଶୀ ଅନୁପ୍ରବେଶ୍‌କାରୀଙ୍କୁ ଚିହ୍ନଟ୍ କର୍‌ବାର୍ ଲାଗି ସବୁ ଜିଲ୍ଲାପାଲ୍ ଆର୍ ଏସ୍‌ପି ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଇ ବାବ୍‌ଦର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ କହିଛନ୍ ଯେ, ଅନୁପ୍ରବେଶ୍‌କାରୀଙ୍କୁ ଚିହ୍ନଟ୍ କର୍‌ବାର୍ ଲାଗି ତହସିଲ୍, ବ୍ଲକ୍ ଆଉ ଥାନା ସ୍ତର୍ ନ କମିଟି ଗଠନ୍ କର୍‌ବାର୍‌କେ କୁହାଯାଇଛେ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗଲା ୨୦୨୧ ମସିହାତକ୍ ରାଏଜେ ସବୁ ମିଶିକରି ୩ ହଜାର୍ ୭ ଶହ ୪୦ ଝନ୍ ବାଂଲାଦେଶୀ ଅନୁପ୍ରବେଶ୍‌କାରୀ ରହୁଥିଲେ । ସେମାନ୍‌କର୍ ଭିତ୍‌ରୁ କେନ୍ଦ୍ରାପଡ଼ା ନ ସବୁଠାନୁ ଜହ ୧ ହଜାର୍ ୬ ଶହ ୪୯ ଆଉ ଜଗତ୍‌ସିଂହପୁର୍ ନ ୧ ହଜାର୍ ଶହେ ୧୨ ଝନ୍‌କୁ ଚିହ୍ନଟ୍ କରାଯାଇଛେ ବଲି ମୁଖମନ୍ତ୍ରୀ କହିଛନ୍ ।

ପୁରା ଉଆଁସ୍ ସମ୍ବଲପୁର/ସୁବର୍ଣ୍ଣପୁର୍/ନୂଆପଡ଼ା/ବୌଦ୍ଧ

ଭୁଦୋ ସପ୍ତପୁରୀ ଅମାବାସ୍ୟା ତିଥି ନ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ପୁରା ଉଆଁସ୍ ପରବ୍ ପାଲନ୍ କରାଯାଉଛେ । ଲୁକେ ସଂସ୍କୃତିର୍ ନିଛକ୍ ଭାବେ ଇ ଲୋକପର୍ବ ପାଲନ୍ କର୍‌ସନ୍ । ପୁରା ଉଆଁସ୍ ଉଲ୍‌ଗୁନେ ସୁବର୍ଣ୍ଣପୁର୍‌ର ଖାସ୍

କରି ଗଡ଼ଜାତ୍ ଇଲାକା ନ କେନ୍ କାଲୁ ଇ ପରବ୍ ପାଲନ୍ କରାଯାଉଛେ ।

ନୂଆପଡ଼ା ଜିଲ୍ଲା ନ ଆଏଜ୍ ଘର୍‌କର୍‌ନା ସାଜୋ ଆର୍ ଚାଷ୍‌ଥି ସାହାଜ୍ ନିଆଯାଉଥିବା ପ୍ରାଣୀମାନ୍‌କର୍ ପୂଜା ଅର୍ଚ୍ଚନା କର୍‌ବାର୍ ଲାଗି ମାଟି ତିଆରି କୁଁଢ଼ିକାଁଚି ଆଉ ଅଲ୍‌ଗା ଗୃହପାଲିତ୍ ପ୍ରାଣୀମାନ୍‌କର୍ ବିକ୍ରି ହେଇଥିଲା ।

ବୌଦ୍ଧ ଜିଲ୍ଲା ନ ଆଏଜ୍ ଇଷ୍ଟଦେବୀ ମାଁ ଭୈରବୀଙ୍କର୍ ପୀଠ ନ ପାରମ୍ପାରିକ୍ ରୀତିନୀତିଥି ସ୍ୱତନ୍ତ୍ର ପୂଜା କରାଯାଇଛେ । ମାଟି ପାତ୍ରକେ ଚାଁଗ୍‌ରିଥି ରଖିକରି ନୂଆଁ ଶସ୍ୟ ଭଗବତୀଙ୍କର୍ ଆଗାଡ଼େ ସମର୍ପଣ୍ କରାଯାଇଥିଲା । ହେନ୍ତା ଗ୍ରାମଦେବୀ ପୀଠମାନ୍‌କେ ଭିଲ୍ ପୁରା ଉଆଁସ୍ ତିଥି ନ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଇଛେ । ଛୋଟ୍‌ଛୋଟ୍ ଛୁଆମାନେ କାଠ୍ ଆର୍ ମାଟିଥି ତିଆର୍ ହେଇଥିବା ହାତୀ, ଘୁଡ଼ା, ଷଣ୍ଢ, ପୁତ୍‌ଲିମାନକୁ ଫୁଲ୍ ସିନ୍ଦୁର୍ ଦେଇକରି ଗାଁ ପରିକ୍ରମା କରୁଥିବାର୍ ଦେଖିବାର୍‌କେ ମିଳିଥିଲା ।

ବିଜେପି ସଦସ୍ୟତା ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା କାଏଲ୍‌ନୁ ବିଜେପିର୍ ସଦସ୍ୟତା ଅଭିଯାନ୍ ମୁଲ୍ ହେବା । ଇତାର୍‌ସହେତେ ଦଲର୍ ସଦସ୍ୟତା ଭିଲ୍ ଆଉ ଘାଏ ନବୀକରଣ୍ କାମ୍ ମୁଲ୍ ହେବା ବଲି ବିଜେପି ତର୍‌ଫୁ

ସୂଚ୍ନା ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କେନ୍ଦ୍ରମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟମାନ୍‌କର୍ ଆଏଜ୍ ସଦସ୍ୟତା ନବୀକରଣ୍ କାର୍ଯ୍ୟ ଅନୁଷ୍ଠିତ୍ ହେବା । ଦଲର୍ ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ଅଲ୍‌ଗା ଦଲୀୟ କାର୍ଯ୍ୟକର୍ତାଙ୍କର୍ ସଦସ୍ୟତା ନବୀକରଣ୍ ଆଏବା କାଏଲ୍ କରାଯିବା ବଲି ଜନାପଡ଼ିଛେ । ବିଜେପି ରାଜ୍ୟ ଶାଖା ସଭାପତି ମନମୋହନ୍ ସାମଲ୍ ଇ ବାବ୍‌ଦେ କହିଛନ୍ ଯେ, ଘର୍‌କେ ଘର୍ ଯାଇକରି ସମାଜ୍‌ର ସବୁ ସ୍ତରର୍ ଲୁକ୍‌କୁ ସଦସ୍ୟତା ଲାଗି ପଦକ୍ଷେପ୍ ନିଆଯିବା । ଓଡ଼ିଶା ନ ଦଲର୍ ପାଖାପାଖି ୪୨ ଲାଖ୍ ସଦସ୍ୟ ରହିଛନ୍ । ୨ ଟା ଖେପେ ହେବାର୍‌କେ ଥିବାର୍ ଇ ଅଭିଯାନ୍‌ର ପହେଲା ଖେପ୍ ଆଏବା ୨୫ ତାରିଖ୍‌ତକ୍ ଆଉ ୨ ନମ୍ବର୍ ଖେପ୍ ଆଏବା ମାସର୍ ୨ ନୁ ୨୫ ତାରିଖ୍ ଭିତ୍‌ରେ ହେବା ବଲି ସେ କହିଛନ୍ ।

ସ୍ୱଚ୍ଛତା ପକ୍ଷ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ଠାନୁ ସ୍କୁଲ୍‌ମାନ୍‌କେ ସ୍ୱଚ୍ଛତା ପକ୍ଷ ପାଲନ୍ କରାଯାଉଛେ । ଆଏବା ୧୫ ତାରିଖ୍‌ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ସଫେଇ, ସ୍ୱଚ୍ଛତା ଆଉ ପରିମଲ୍‌କେ ଜୋର୍ ଦିଆଯିବା । ଇ କାର୍ଯ୍ୟକ୍ରମ୍‌ଥି ସ୍ୱଚ୍ଛତା ଶପଥ୍ ପାଠ କରାଯିବାର୍ ସହେତେ ଆଏବା କାଏଲ୍ ସ୍ୱଚ୍ଛତା ସଚେତନତା

କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ବୁଧବାର୍ ଆର୍ ଗୁରୁବାର୍ ଦିନ ଫିଁ’ ପଡ଼ା, ବସ୍ତି ମାନ୍‌କେ ସ୍ୱଚ୍ଛତାର୍ ବାର୍ତା ପୁହୁଁଚାବାର୍ ଲକ୍ଷ୍ୟ ରଖାଯାଇଛେ । ହେନ୍ତା ସ୍ୱଚ୍ଛତା ପକ୍ଷ ପାଲନ୍ ସମିଆଥି ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ପ୍ରତିଯୋଗିତାମାନ୍ ଆୟୋଜନ୍ କରାଯିବା ।

ଶ୍ରୀଜଗନ୍ନାଥଙ୍କର୍ ଜମି ଆର୍‌ଏନ୍‌ୟୁ/ କଟକ୍

ପୁରୀ ସହର୍ ନ ଭିନ୍ ଭିନ୍ ଜାଗା ନ ଥିବାର୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଜମି ଘିନ୍‌ବାର୍ ଲାଗି ୪ ହଜାର୍ ୩ ଶହ ୨୭ ଝନ୍ ବ୍ୟକ୍ତି ଦର୍‌ଖାସ୍ତ କରିଛନ୍ । ସେତାର୍ ଭିତ୍‌ରୁ ୫ ଶହ ୮୭ ଝନ୍‌କୁ ୨୪ ଏକଡ୍ ନୁ ଅଏତ୍‌କା ଜମି ବିକ୍ରି କରାଯାଇଛେ । ଇନୁ ମିଲିଥିବାର୍ ଟଙ୍କା ଶ୍ରୀଜୀଉଙ୍କର୍ ନାଁଥି ବେଙ୍କ୍ ନ କର୍ପସ୍ ଫଣ୍ଡ ଆକାରେ ଜମା କରାଯାଇଛେ । ବାକି ଦର୍‌ଖାସ୍ତ ମାନ୍‌କର୍ ବର୍ଷେ ଭିତ୍‌ରେ ଫଏସଲା କର୍‌ବାର୍ ଲାଗି ପଦ୍‌କ୍ଷେପ୍ ନିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମହାପ୍ରଭୁଙ୍କର୍ ଜମି ବିକ୍ରି ବ୍ୟବସ୍ଥାକେ ଅଏତ୍‌କା ସରଲ୍ ଆର୍ ତୁର୍‌ତି କର୍‌ବାର୍ ଲାଗି ଶ୍ରୀ ଜଗନ୍ନାଥ ମନ୍ଦିର୍ ଭୂ-ସମ୍ପତି ପରିଚାଳନା ଅଧିନିୟମ୍ ୨୦୨୪ ତିଆର୍ କରାଯାଇଛେ ବଲି ସେ କହିଛନ୍ ।

ଯୁଗ୍ମ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ସୁବର୍ଣ୍ଣପୁର/ବୌଦ୍ଧ/ଝାରସୁଗୁଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ମିଳିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ୭୨ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା । ଇତାର୍‌ଭିତ୍‌ରୁ ୩୮ ଟା ବ୍ୟକ୍ତିଗତ ଆର୍ ୩୧ ଟା ସାମୂହିକ୍ ଅଭିଯୋଗ୍ ଶିବିର୍ ନ ଉପସ୍ଥାପିତ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସୋନ୍‌ପୁର୍ ନ ବ୍ଲକ୍‌ସ୍ତରୀୟ ଅଭିଯୋଗ୍ ଶୁଣାଣି ଶିବିର ଜିଲ୍ଲାପରିଷଦ୍ ସମ୍ମିଳନୀ କକ୍ଷ ଠାନେ ହେଇଥିଲା । ଇଥି ୩୪ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ଅଫିସ୍ ଠାନେ ଆଏଜ୍ ହେଇଥିବା ମିଳିତ ଜନଶୁଣାଣିଥି ଆସିଥିବାର୍ ୮୯ ଟା ଅଭିଯୋଗ୍ ଆସିଥିବାର୍ ବେଳେ ୩୨ ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିବାର୍ ଜନାପଡ଼ିଛେ ।

ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ମିଳିତ୍ ଜନଶୁଣାଣି କରାଯାଇଥିଲା । ଇନ ୭୦ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଛେ ।

ବିଶ୍ୱ ନାରିକେଳ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ନାରିକେଳ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ୨୦୦୯ ସେପ୍ଟେମ୍ବର୍ ମାସର୍ ୨ ତାରିଖ୍ ଦିନ ଏସିଆ-ଫେସିପିକ୍ କୋକୋନଟ୍ କମ୍ୟୁନିଟି ଗଠନ୍ କରାଯାଇଥିଲା । ନଡ଼ିଆ ଚାଷ୍ ବାବ୍‌ଦେ ଲୁକ୍‌କର୍ ଭିତ୍‌ରେ ସଚେତନତା ବଢ଼ାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଭାରତୀୟ ସଂସ୍କୃତିଥି ନଡ଼ିଆ କି ଶ୍ରୀଫଳର ବହୁତ୍‌ଟେ ଗୁରୁତ୍ୱ ରହିଛେ । ନଡ଼ିଆ ଉତ୍ପାଦନ୍‌ଥି ଭାରତ୍ ପୁର୍‌ଥି ନ ୩ ନମ୍ବର୍ ଠାନ୍ ଅଧିକାର୍ କରିଛେ । ଆଏଜ୍ ବିଶ୍ୱ ନାରିକେଳ ଦିବସ୍ ଉଲ୍‌ଗୁନେ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ସୁଭଦ୍ରା ଯୋଜ୍‌ନା- ସମ୍ବଲପୁର        ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ସଦର୍ ସବ୍‌ଡିଭିଜନ୍ ତାଲବ୍ ଠାନେ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ଲାଗି ରେଜିଷ୍ଟ୍ରେସନ୍ କାମ୍ ମୁଲ୍ ହେଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ ଇ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ । ଇତାର୍‌ସହେତେ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ଅଙ୍ଗନବାଡ଼ି କର୍ମୀମାନ୍‌କର୍ ସହେତେ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଥିଲେ ।

ବୈଦେଶିକ ମୁଦ୍ରା ଭଣ୍ଡାର ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ବୈଦେଶିକ ମୁଦ୍ରା ଭଣ୍ଡାର୍ ୬ ଶହ ୮୧ ଦଶ୍‌ମିକ୍ ୬/୮/୮ ବିଲିୟନ୍ ଡଲାର୍‌ରେ ପୁହୁଁଚିଛେ । ଭାରତୀୟ ରିଜର୍ଭ ବେଙ୍କ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ବଛର୍ ଇହାଦେତକ୍ ବୈଦେଶିକ ମୁଦ୍ରା ଭଣ୍ଡାର୍‌ଥି ୬୦ ବିଲିୟନ୍ ଡଲାର୍ ବଢ଼୍‌ଲାନ । ଗଲା ବଛର୍ ଇ ସମିଆତକ୍ ବୈଦେଶିକ୍ ମୁଦ୍ରା ଭଣ୍ଡାର୍‌ଥି ୫୮ ବିଲିୟନ୍ ଡଲାର୍ ବଢ଼ିଥିଲା । ମୁଦ୍ରା ଭଣ୍ଡାର୍‌ର ସଠିକ୍ ସ୍ତର୍‌ଥି ରଖିବାର୍ ଲାଗି ବୈଦେଶିକ ମୁଦ୍ରା ବିନିମୟ କାର୍‌ବାର୍ ଉପ୍‌ରେ ତୀକ୍ଷ୍ଣ ନଜର୍ ରଖାଯାଇଛେ ବଲି ଭାରତୀୟ ରିଜର୍ଭ ବେଙ୍କ୍ କହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ କମିଥିବାର୍‌ନୁ ଆଏଜ୍ ସଖାଲ୍‌ତକ୍ ଖୁଲାଥିବା ୨ ଟା ସ୍ଲୁଇସ୍ ଗେଟ୍‌କେ ବନ୍ଦ୍ କରି ଦିଆଯାଇଛେ । ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୨୨ ଦଶ୍‌ମିକ୍ ୩/୫ ଫୁଟ୍ ରହିଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ହାରାହାରି ୭୪ ହଜାର୍ ୪ ଶହ ୩୯ କ୍ୟୁସେକ୍ ପାଏନ୍ ପଶୁଥିବାର୍ ବେଲେ କେନାଲ୍ ଆଉ ପାୱାର୍ ଚେନାଲ୍ ଦେଇକରି ୪୧ ହଜାର୍ ୩ ଶହ ୧ କ୍ୟୁସେକ୍ ପାଏନ୍ ଛଡ଼ାଯାଉଛେ ।